**ସଂକ୍ଷେପରେ**

## ଦଶହରାରେ ସୁନାବେଶ ଦର୍ଶନ କରିପାରିବେନି ଭକ୍ତ

**ପୁରୀ ଅଫିସ, ୧୩।୧୦:** ପବିତ୍ର ବିଜୟା ଦଶମୀ ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ସୁନାବେଶ ଅନୁଷ୍ଠିତ ହେବ। ଚଳିତ ବର୍ଷ କରୋନା କଟକଣାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ନୂଆ ଏସ୍‌ଓପି ଅନୁଯାୟୀ ଆସନ୍ତା ୧୫ ତାରିଖ ଦଶହରା ଦିନ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ। ତେଣୁ ଶ୍ରଦ୍ଧାଳୁମାନେ ରତ୍ନ ସିଂହାସନ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଦର୍ଶନରୁ ବଞ୍ଚିତ ହେବେ।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଖୋର୍ଦ୍ଧା ଅଫିସ,୧୩।୧୦ :** ୧୬ନଂ ଜାତୀୟ ରାଜପଥ ତୋଟାପଡା ଛକରେ ବୁଧବାର ପୂର୍ବାହ୍ନରେ ଏକ ମିନିଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବେଗୁନିଆ ଥାନା କାଚେରା ଗ୍ରାମର ପ୍ରଦୀପ ସାହୁ(୨୮) ଏବଂ ଆହତ ହେଲେ ବାଘମାରୀ ଅଞ୍ଚଳର ବିଭୁଦତ୍ତ ଦାସ(୩୮)। ସୂଚନା ଅନୁସାରେ, ମଳିପଡ଼ାରୁ ପ୍ରଦୀପ ଏବଂ ବିଭୁଦତ୍ତ ଏକ ବାଇକ୍ (ନଂ-ଓଡି.୦୨ ଡବ୍ଲ୍ୟୁ-୬୧୩୧)ରେ ଘରକୁ ଫେରୁଥିଲେ। ସମୟ ପ୍ରାୟ ସାଢେ ୧୧ଟା ସମୟରେ ତୋଟାପଡା ଛକ ନିକଟସ୍ଥ ଇସ୍କନ ମନ୍ଦିର ନିକଟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ମିନିଟ୍ରକ (ଓଡି.୧୩ଜି ୯୨୦୭ ନମ୍ବର) ତାଙ୍କ ଗାଡିକୁ ଧକ୍କାଦେଇଥିଲା। ଉଭୟ ବାଇକ୍‌ରେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ମିନିଟ୍ରକ ଡ୍ରାଇଭରଙ୍କୁ ଅଟକ ରଖିବା ସହ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ବିଭୁଦତ୍ତ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଟି ଗାଡ଼ିକୁ ଜବତ କରିଥିବାବେଳେ ମିନିଟ୍ରକ ଡ୍ରାଇଭର ଅଟକ ରଖିଛି।

# ନାକ ତଳକୁ ମାସ୍କ, ସାମାଜିକ ଦୂରତା ବି ରହୁନି

## କ୍ୟାପିଟାଲ ହସ୍ପିଟାଲରେ କଟକଣାକୁ ବେଖାତିର

**ଭୁବନେଶ୍ୱର,୧୩।୧୦ (ବ୍ୟୁରୋ)**

କରୋନାର ଦୁଇଟି ଲହରରେ ବହୁ ଲୋକ ପ୍ରଭାବିତ ହୋଇଛନ୍ତି। ଏପରି କି ଅନେକ ଜୀବନ ମଧ୍ୟ ଗଲାଣି। ଏଭଳି ସ୍ଥିତିରେ ତୃତୀୟ ଲହରକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ସାମାଜିକ ଦୂରତା, ଠିକ୍ ଭାବେ ମାସ୍କ ପରିଧାନ ହିଁ କରୋନା ପ୍ରଭାବରୁ ଦୂରେଇ ରଖିବାରେ ସହାୟକ ହେବ। କ୍ରମାଗତ ଦୁଇଦିନ ଧରି ରାଜ୍ୟର ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୫୦୦ରୁ ଊର୍ଦ୍ଧ୍ୱ ରହିଛି। ଏଥିମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସଂକ୍ରମଣ ହାର ସର୍ବାଧିକ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ କେବଳ ଭୁବନେଶ୍ୱରରୁ ହିଁ ପ୍ରାୟ ୪୦ପ୍ରତିଶତ ନୂଆ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ପାର୍ବଣ ସମୟ। ଲୋକଙ୍କୁ ସଚେତନ ହୋଇ ରହିବା ସହ ଗହଳି ନ କରିବାକୁ କୁହାଯାଉଛି। ହେଲେ ପାର୍ବଣ ଥିବାରୁ ଲୋକମାନେ କରୋନା ନିୟମକୁ କଡ଼ାକଡ଼ି ଭାବେ ପାଳନ କରୁନାହାନ୍ତି। ଫଳରେ ସଂକ୍ରମଣ ବୃଦ୍ଧି ପାଉଛି ବୋଲି ମହାପାତ୍ର କହିଛନ୍ତି। ହସ୍ପିଟାଲ ପରିସରରେ ସଂକ୍ରମଣ ଆଶଙ୍କା ଅଧିକ ରହିଥାଏ। ହେଲେ






ନିରାମୟ କେନ୍ଦ୍ରରେ ମହିଳାମାନେ ନାକ ତଳେ ମାସ୍କ ପିନ୍ଧି ଛିଡ଼ା ହୋଇଛନ୍ତି। ପଞ୍ଜୀକରଣ କେନ୍ଦ୍ରରେ ଲୋକଙ୍କ ଭିଡ଼।

ରାଜ୍ୟର ଅନ୍ୟତମ ବଡ଼ ମେଡିକାଲ ଭାବେ ଗଣାଯାଉଥିବା କ୍ୟାପିଟାଲ ହସ୍ପିଟାଲରେ ଖୁଲମଖୁଲା କରୋନା ନିୟମକୁ ଅବମାନନା କରାଯାଉଥିବା ଦେଖିବାକୁ ମିଳୁଛି। ସାମାଜିକ ଦୂରତା ତ ଦୂରର କଥା, ଏଠାରେ ଅଧିକାଂଶ ଲୋକେ ବିନା ମାସ୍କରେ ଯିବାଆସିବା କରୁଛନ୍ତି। ଏପରି କି, କେତେକ ମାସ୍କକୁ ନାକ ତଳକୁ ପିନ୍ଧୁଥିବା ଦେଖିବାକୁ ମିଳୁଛି। ରୋଗୀ ପଞ୍ଜୀକରଣ କେନ୍ଦ୍ର ଏବଂ ନିରାମୟ ଔଷଧ ବିତରଣ କେନ୍ଦ୍ର ନିକଟରେ ଅଧିକ ଗହଳି ରହୁଛି। ସେହିପରି କେତେକ ବିଭାଗର ସାମ୍ନାରେ ମଧ୍ୟ ଚିକିତ୍ସା ପାଇଁ ଆସିଥିବା ରୋଗୀ ଏବଂ ସାଙ୍ଗରେ ଆସିଥିବା ସମ୍ପର୍କୀୟଙ୍କ ଭିଡ଼ ରହୁଛି। ହସ୍ପିଟାଲର ଗହଳି ସ୍ଥାନରେ ମୁତୟନ ଥିବା ସୁରକ୍ଷା କର୍ମୀଙ୍କୁ ଏନେଇ ପଚାରିବାରୁ ସେ କହିଛନ୍ତି ଯେ, ହସ୍ପିଟାଲ୍‌ରେ କୋଭିଡ୍‌ର ସମସ୍ତ ନିୟମ ପାଳନ କରାଯାଉଛି। ହେଲେ ଏଠାକୁ ଅଧିକ ଲୋକ ଆସୁଥିବାରୁ ଗହଳି ହେଉଛି। ଆମକୁ ଯେପରି ନିର୍ଦ୍ଦେଶ ରହିଛି ସେହିପରି ଆମେ କାର୍ଯ୍ୟ କରିବାକୁ ଚେଷ୍ଟା କରୁଛୁ। ଯେତେ କହିଲେ ବି ଲୋକେ ମାସ୍କ ଠିକ୍ ଭାବରେ ପିନ୍ଧୁନାହାନ୍ତି। ରୋଗୀଙ୍କ ବୃଦ୍ଧିକୁ ଦୃଷ୍ଟିରେ ରଖି କାଉଣ୍ଟର ସଂଖ୍ୟା ବୃଦ୍ଧି କରାଯାଇଛି, ତା'ସତ୍ତ୍ୱେ ମଧ୍ୟ ଲୋକ ଗହଳି ହେଉଥିବା ସେ କହିଛନ୍ତି।

ଏନେଇ କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଜଗନ୍ନାଥ ପହିଙ୍କୁ ପଚରାଯିବାରୁ କହିଛନ୍ତି, ହସ୍ପିଟାଲରେ ଆବଶ୍ୟକତା ମୁତାବକ ଲୋକଙ୍କୁ ସଚେତନ କରାଯାଉଛି। ସମସ୍ତଙ୍କୁ ମାସ୍କ ଏବଂ ସାମାଜିକ ଦୂରତା ରକ୍ଷା କରିବା ପାଇଁ ମାଇକ୍ ଜରିଆରେ କୁହାଯାଉଛି। ଏହାର ତଦାରଖ ପାଇଁ ସ୍ଥାନେ ସ୍ଥାନେ ଗାର୍ଡ ମୁତୟନ କରାଯାଇଛି। ଗାମୁଛା ଦ୍ୱାରା ମୁହଁ ଢାଙ୍କିଥିବା ଏବଂ ମାସ୍କ ନ ପିନ୍ଧିଥିବା ଲୋକଙ୍କୁ ବାହାର କରିଦିଆ ଯାଉଛି। ଏହା ସତ୍ତ୍ୱେ ଯଦି ଗହଳି ହେଉଛି ତେବେ ଲୋକେ ନିଜ ଆଡୁ ସଚେତନ ହେବା ଆବଶ୍ୟକ ବୋଲି ଡାକ୍ତର ପହି କହିଛନ୍ତି। ଅପରପକ୍ଷେ ଗହଳି ନିୟନ୍ତ୍ରଣ ପାଇଁ ହସ୍ପିଟାଲରେ ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି। ପଞ୍ଜୀକରଣ କାଉଣ୍ଟର ସଂଖ୍ୟା ବଢେଇବା ପାଇଁ କୌଣସି ନିର୍ଦ୍ଦେଶ ନାହିଁ। ତେଣୁ ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣ ବ୍ୟବସ୍ଥା ଖୁବ୍‌ଶୀଘ୍ର ଆରମ୍ଭ ହେଲେ ଏହାର ସମାଧାନ ହେଇଯିବ ବୋଲି ଜଗନ୍ନାଥ କହିଛନ୍ତି। ଏଭଳିସ୍ଥିତିରେ ଲୋକମାନେ ସାମାଜିକ ଦୂରତାକୁ ବଜାୟ ରଖିବା ସହ ମାସ୍କ ପରିଧାନକୁ ଗୁରୁତ୍ୱ ଦେଲେ କରୋନାକୁ ଯଥାସମ୍ଭବ ଦୂରେଇ ଦିଆଯାଇପାରିବ ବୋଲି କୁହାଯାଉଛି।




ଶାରଦୀୟ ପୂଜା ଅବସରରେ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବିଭିନ୍ନ ପରିବାକୁ ନେଇ ପ୍ରସ୍ତୁତ କରିଥିବା ବାଲୁକା କଳା।

# କିଟ୍, କିସ୍‌ରେ ଜାପାନୀ ଭାଷା ଓ ଉତ୍କର୍ଷ କେନ୍ଦ୍ର

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

କିଟ୍ ଓ କିସ୍‌ରେ ଜାପାନୀ ଭାଷା କେନ୍ଦ୍ର ଏବଂ ଉତ୍କର୍ଷ କେନ୍ଦ୍ର ଖୋଲିବା ସହ ଇଣ୍ଟର୍ନସିପ୍ ଓ ମିସ୍‌ବିସ୍ କ୍ରୀଡ଼ା ସିଏସ୍‌ଆର୍ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହାକୁ ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ ସାତୋସି ସୁଜୁକି ଗୁରୁବାର ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମ ପାଇଁ ଭାରତ ସରକାରଙ୍କ ବୈଦେଶିକ ସଚିବ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା, ମିସ୍‌ବିସ୍ ଭାରତର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଯୋଜି ତାଗୁଚି, ମିସ୍‌ବିସ୍ ଭାରିଶିଳ୍ପ ଭାରତର ପରିଚାଳନା ନିର୍ଦ୍ଦେଶକ ସୁଶେକେ ସୁତୋ ପ୍ରମୁଖ କିଟ୍ ଓ କିସ୍ ପରିଦର୍ଶନରେ ଆସିଛନ୍ତି। ଏଥିସହ ରାଷ୍ଟ୍ରଦୂତ ସାତୋସିଙ୍କ ନେତୃତ୍ୱରେ ଜାପାନର ଏକ ପ୍ରତିନିଧିମଣ୍ଡଳୀ ମଧ୍ୟ ଏଠାରେ ଆସି ପହଞ୍ଚିଛନ୍ତି। ପ୍ରଥମଥର ଲାଗି ଓଡ଼ିଶାର କିଟ୍ ଓ କିସ୍‌ରେ ଏଭଳି ଦୁଇଟି କେନ୍ଦ୍ର ଓ କାର୍ଯ୍ୟକ୍ରମ ହେଉଛି। ଜାପାନୀ ଭାଷା କେନ୍ଦ୍ର ବିଶେଷକରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାପାନୀ ଭାଷା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ସହ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ନିବିଡ଼ କରିବାରେ ସହାୟକ ହେବ। ସେହିପରି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମରେ ୧୫୦ବର୍ଷ ପୁରାତନ ମିସ୍‌ବିସ୍ ଗ୍ରୁପ୍ କିଟ୍‌ର ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନବିସ (ଇଣ୍ଟର୍ନ) ରୂପେ ଗ୍ରହଣ କରିବ। ଏହା ବ୍ୟତୀତ ମିସ୍‌ବିସ୍ ତା'ର ସିଏସ୍‌ଆର୍ କାର୍ଯ୍ୟକ୍ରମ ଜରିଆରେ କିସ୍‌ର ଛାତ୍ରୀଛାତ୍ରଙ୍କୁ ସହଯୋଗ ଯୋଗାଇଦେବ।

ଏ ସମ୍ପର୍କରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଭାରତ ଓ ଜାପାନ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କର ୭୦ବର୍ଷ ପୂର୍ତ୍ତି ଉଭୟ ଦେଶ ପାଳନ କରିବାକୁ ଯାଉଛି। ଏଭଳି ସମୟରେ ଜାପାନ ଦୂତାବାସ, ମିସ୍‌ବିସ୍ ଗ୍ରୁପ୍ ଏବଂ କିଟ୍ ଓ କିସ୍‌ର ଏହି ମିଳିତ ପ୍ରୟାସ ଉଭୟ ଦେଶର ଲୋକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି କରିବାରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ।

## ୧୮ରେ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ବାତିଲ

**ପୁରୀ ଅଫିସ,୧୩।୧୦**

ଆସନ୍ତା ୧୮ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ଯୋଜନା ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଏଥିସହ ଏହିଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୁରୀ ଗସ୍ତ ବାତିଲ ହୋଇଛି। ପାଣିପାଗ କେନ୍ଦ୍ର ସୂଚନା ଅନୁଯାୟୀ, ୧୮ ତାରିଖରେ ପ୍ରବଳ ବର୍ଷା ସହ ବାତ୍ୟା ଆଶଙ୍କା ଥିବାରୁ କାର୍ଯ୍ୟକ୍ରମକୁ ବର୍ତ୍ତମାନ ପାଇଁ ବାତିଲ କରାଯାଇଥିବା ଶ୍ରୀମନ୍ଦିର ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ତାରିଖ ପୁନଃନିର୍ଦ୍ଧାରଣ ପରେ ସୂଚନା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ୧୮ ତାରିଖରେ ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭୂମି ପୂଜନ କରିବାର କାର୍ଯ୍ୟକ୍ରମ ଥିଲା।

## 'ଗ୍ରାମବାସୀଙ୍କୁ ଆଇନ ସମ୍ପର୍କରେ ଜଣାଇବ ସଚେତନତା ରଥ'

**କଟକ ଅଫିସ, ୧୩।୧୦**

କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ରଥ ପ୍ରାଧିକରଣର କାର୍ଯ୍ୟାଳୟ ପରିସରରେ ବୁଧବାର ଶୁଭାରମ୍ଭ ହୋଇଯାଇଛି। କଟକ ଫାଷ୍ଟ ଭିଜିଲାନ୍ସ ଜଜ୍ ଅନୁପ କୁମାର ଚନ୍ଦନ ଏହି ରଥର ଶୁଭାରମ୍ଭ କରି କହିଥିଲେ, କଟକ ଜିଲାର ବିଭିନ୍ନ ଗ୍ରାମକୁ ଏହି ରଥ ଯାଇ ଲୋକମାନଙ୍କୁ ଆଇନ ବିଷୟରେ ସଚେତନ କରିବ। ଏଥିସହ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଆଇନ ସହାୟତା ବିଷୟରେ ସେମାନଙ୍କୁ ଅବଗତ କରାଇବ। ଏହି କାର୍ଯ୍ୟକ୍ରମରେ କମର୍ସିଆଲ କୋର୍ଟ ସିନିୟର ଡିଭିଜନ ସିଭିଲ ଜଜ୍ ବିଶ୍ୱଜିତ ନାଏକ, ଫାଷ୍ଟ ଆଡିଶିନାଲ କୋର୍ଟ ସିନିୟର ଡିଭିଜନ ସିଭିଲ ଜଜ୍ ଗୀତାଞ୍ଜଳି ନନ୍ଦ, ଆଇନଜୀବୀ ବିଜୟ କୁମାର ପଣ୍ଡା, ସାମାଜିକ କର୍ମୀ ଲୋକନାଥ ଶତପଥୀ, ବିଭୂତି କୁମାର ରାଏ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଜିଲା ଆଇନସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

# ଓଡ଼ିଶା ଡାକ ପରିମଣ୍ଡଳର ଶ୍ରେଷ୍ଠ ପ୍ରଦର୍ଶନ

ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)

ଡାକ ସେବା, ଡାକ ବୀମା ଆଦି କ୍ଷେତ୍ରରେ ଓଡ଼ିଶା ପରିମଣ୍ଡଳ ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଜାତୀୟ ଡାକ ସପ୍ତାହ ଅବସରରେ ଶ୍ରେଷ୍ଠ ସେବା ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯାଇଛି। ବୁଧବାର ଡାକ ଜୀବନ ବୀମା (ପିଏଲ୍ଆଇ) ଓ ଗ୍ରାମୀଣ ଡାକ ଜୀବନ ବୀମା (ଆର୍ପିଏଲ୍ଆଇ) ଦିବସରେ ଭୁବନେଶ୍ୱର ଡାକ ପରିମଣ୍ଡଳ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ତଥା ପୁରସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବଭାରତୀୟ ସ୍ତରରେ ସର୍ବୋତ୍କୃଷ୍ଟ ସେବା ପ୍ରଦାନ କରିଥିବା ୨୪ଜଣଙ୍କୁ ପୁରସ୍କୃତ କରାଯାଇଥିଲା।

ଗତବର୍ଷ ସର୍ବ ଭାରତୀୟ ସ୍ତରରେ ଉତ୍କୃଷ୍ଟ ସେବା ପ୍ରଦାନକାରୀ ଏଜେଣ୍ଟ ଓ ଡାକ କର୍ମକର୍ତ୍ତାଙ୍କୁ ମୁଖ୍ୟ ପୋଷ୍ଟ ମାଷ୍ଟର ଜେନେରାଲ ଶୁଭେନ୍ଦୁ ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ। ବାଳକୃଷ୍ଣ ପୂଜାରୀ ପ୍ରଥମ ଓ ଭାଗବତ ପ୍ରସାଦ ଦାସ ଦ୍ୱିତୀୟ ସର୍ବୋତ୍କୃଷ୍ଟ ଡାକ ଜୀବନ ବୀମା ସଂଗ୍ରହକାରୀ ଭାବେ ପୁରସ୍କୃତ ହୋଇଛନ୍ତି। ପ୍ରଥମ ପୁରସ୍କାର ବାବଦକୁ ମାନପତ୍ର ସହ ୨୫ହଜାର ଟଙ୍କା ଓ ଦ୍ୱିତୀୟ ୧୫ହଜାର ଟଙ୍କା ଦିଆଯାଇଛି। ସେହିପରି ଉର୍ମିଳା ନାୟକ ଗ୍ରାମୀଣ ଡାକବୀମା ପାଇଁ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଡାକ ସଚିବ ବିନିତ ପାଣ୍ଡେ ମୋଟ ୮ ବିଭାଗରେ ୨୪ଜଣଙ୍କୁ ଭର୍ଚୁଆଲରେ ପୁରସ୍କୃତ କରିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ପର୍ଯ୍ୟନ୍ତ ଓଡ଼ିଶା ପରିମଣ୍ଡଳ ୨୭୦.୬୩ କୋଟିର ପିଏଲ୍ଆଇ ଏବଂ ୧୯୯.୩୫ କୋଟିର ଆର୍ପିଏଲ୍ଆଇ ସଂଗ୍ରହ କରି ପ୍ରାୟ ୨୧ଲକ୍ଷ ପଲିସିଧାରକଙ୍କ ଜୀବନ ବୀମାର ଦାୟିତ୍ୱ ନେଇଥିଲା। ଚଳିତବର୍ଷ ପର୍ଯ୍ୟନ୍ତ ୨.୧୭ଲକ୍ଷ ଲୋକଙ୍କ ୭୩୨୦.୧୬ କୋଟିର ପିଏଲ୍ଆଇ ଏବଂ ୧୧ଲକ୍ଷ ଗ୍ରାମୀଣ ଜନସାଧାରଣଙ୍କ ୬୮୫୭.୧୦ କୋଟିର ଆର୍ପିଏଲ୍ଆଇ କରିସାରିଛି। ଆଗାମୀ ୫ମାସ ମଧ୍ୟରେ ଆହୁରି ୧ଲକ୍ଷ ଲୋକଙ୍କୁ ଡାକଜୀବନ ବୀମାରେ ଅନ୍ତର୍ଭୁକ୍ତ କରି ସେବା ଯୋଗାଇ ଦେବା ପାଇଁ ଓଡ଼ିଶା ଡାକ ପରିମଣ୍ଡଳ ଯୋଜନା କରିଛି ବୋଲି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଶ୍ରେଷ୍ଠ ସେବା ପ୍ରଦର୍ଶନକାରୀ।

**ଜାତୀୟ ଡାକ ସପ୍ତାହ**

**୮ ବିଭାଗର ୨୪ଜଣ ପୁରସ୍କୃତ**

## ସଂକ୍ଷେପରେ

### ସୁଧନ୍ୟାର ପୁଣ୍ୟସଂଖ୍ୟା ଉନ୍ମୋଚିତ

**ଭୁବନେଶ୍ୱର,୧୩।୧୦:** ମାସିକ ମହିଳା ପତ୍ରିକା 'ସୁଧନ୍ୟା'ର ଶାରଦୀୟ ବିଶେଷାଙ୍କ ସଂଖ୍ୟା ବୁଧବାର ଏକ ଭବ୍ୟ ସାରସ୍ୱତ ସମାରୋହରେ ଉନ୍ମୋଚିତ ହୋଇଯାଇଛି। ପ୍ରଫେସର ପ୍ରେମାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପାରାଦୀପ ଫସ୍ଫେଟ୍ସ ଲିମିଟେଡ୍ର ବରିଷ୍ଠ ଅଧିକାରୀ ସୁଧୀରଞ୍ଜନ ମିଶ୍ର ମୁଖ୍ୟଅତିଥି ଓ ଭାଷା ବିଜ୍ଞାନୀ ଡକ୍ଟର ଦେବାଶିଷ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଷା ଓ ସାହିତ୍ୟର ପ୍ରୋତ୍ସାହନ ଦିଗରେ ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ଲଳିତ ପଟ୍ଟନାୟକ ସ୍ୱାଗତ ସୂଚନା ଓ ରଜନୀକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ। ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା।

### ପରିଛଲ କପ୍ କ୍ରିକେଟ: ଫାଇନାଲରେ ଯାଁଳାର ବ୍ଲ୍ୟୁ ରକ୍ଷ୍ଟାର କ୍ଲବ

**ବେଗୁନିଆ,୧୩।୧୦(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ପରିଛଲସ୍ଥିତ ଖେଳ ପଡ଼ିଆରେ ଚାଲୁଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଥିଲା। ଏଥିରେ ଯାଁଳାର ବ୍ଲ୍ୟୁ ରକ୍ଷ୍ଟାର କ୍ରିକେଟ କ୍ଲବ ୯୨ ରନରେ କଟକର କମାଣ୍ଡୋ୧୧ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ ଜିତି କମାଣ୍ଡୋ୧୧ କ୍ଲବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଯାଁଳା କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଉଭୟ ଖେଳାଳି ଅଭିମନ୍ୟୁ ୬୦ ରନ ଓ ଆଇ.ଏସ. ଗିରି ୫୩ ରନ ଲେଖାଏ ବ୍ୟାଟିଂ କରିଥିଲେ। ଜବାବରେ କମାଣ୍ଡୋ୧୧ କ୍ଲବ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ ରନ କରି ପରାଜୟ ବରଣ କରିଥିଲା। ଆଇ.ଏସ. ଗିରିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।

# ଦୁର୍ଘଟଣା ଘଟାଇ ବନ୍ଧୁକ ଦେଖାଇଲେ

**ଜଣେ ଅଟକ, ଅନ୍ୟ ଜଣେ ଫେରାର**

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଦୁର୍ଘଟଣା ଘଟାଇଲେ, ସହାନୁଭୂତି ପରିବର୍ତ୍ତେ ଲୋକଙ୍କୁ ବନ୍ଧୁକ ଦେଖାଇ ଧମକ ଦେଲେ। ଭରତପୁର ଥାନା ଆମ୍ରି ହସ୍ପିଟାଲ ନିକଟରେ ବୁଧବାର ଏଭଳି ଘଟଣା ଘଟିଥିଲା। ଜଣେ ବ୍ୟକ୍ତିଙ୍କୁ ବାଇକ୍ରେ ଧକ୍କା ଦେଇ ଜଣେ ଯୁବକ ଖସି ପଳାଇଯାଇଥିବାବେଳେ ଅନ୍ୟଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ଖସି ଯାଇଥିବା ଯୁବକ ଜଣକ ଏକ ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରିଥିଲେ ବୋଲି ଜଣାପଡ଼ିଛି। ତେବେ ସେହି ବନ୍ଧୁକ ସତ ନା ଖେଳଣା ଥିଲା ତାହା ଜଣାପଡିନାହିଁ। ଦୁର୍ଘଟଣାରେ ଆହତ ସ୍ଥାନୀୟ ଥାନା ଶରଧାପଲ୍ଲୀ ବସ୍ତିର ରାଜକିଶୋର ମହାନ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ଆମ୍ରି ହସ୍ପିଟାଲ ରାସ୍ତାରେ ସ୍ଥାନୀୟ ଥାନା ଶରଧାପଲ୍ଲୀ ବସ୍ତିର ରାଜକିଶୋର ମହାନ୍ତି ସାଇକେଲ୍ରେ ତାଙ୍କ ଦୋକାନକୁ ଯାଉଥିଲେ। ଏହି ସମୟରେ ପଛରୁ ଦୁଇ ଜଣ ଯୁବକ ଏକ ବାଇକ୍ରେ ଆସି ତାଙ୍କୁ ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଦୁର୍ଘଟଣା ଘଟାଇ ଯୁବକଦ୍ୱୟ ସେଠାରୁ ଖସିଯିବାକୁ ଉଦ୍ୟମ କରି ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଅଟକାଇବାବେଳେ ଜଣେ ଯୁବକ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଖସି ପଳାଇଥିଲେ। ହେଲେ ଅନ୍ୟ ଜଣଙ୍କୁ ଲୋକମାନେ କାବୁ କରି ପୋଲିସ ଜିମା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ ୩୬୧/୨୧) ରୁଜୁ କରି ଅଟକ ଯୁବକଙ୍କୁ ପଚରାଉଚରା କରୁଛି।

# ନାଇନ୍ଥ ଷ୍ଟ୍ରିଟ୍ ରେଷ୍ଟୁରାଣ୍ଟ ହଲ୍ ସିଲ୍

**ବିନା ଅନୁମତିରେ ଦାଣ୍ଡିଆ ନୃତ୍ୟ ଆୟୋଜନ**

ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)

ନିକୋ ପାର୍କ ନିକଟରେ ଥିବା ନାଇନ୍ଥ ଷ୍ଟ୍ରିଟ୍ ନାମକ ଏକ ରେଷ୍ଟୁରାଣ୍ଟର ବଙ୍କେଟ ହଲ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ସିଲ୍ କରିଛି। ସ୍ଥାନୀୟ ପ୍ରଶାସନଠାରୁ ଅନୁମତି ନ ନେଇ ଏଠାରେ ଦାଣ୍ଡିଆ ନୃତ୍ୟ ଆୟୋଜନ କରାଯାଉଥିବା ଖବର ପାଇବା ପରେ ବୁଧବାର ବିଏମ୍ସିର ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରି ପଦକ୍ଷେପ ଗ୍ରହଣ କରିଛି।

ନବରାତ୍ରି ଅବସରରେ ଉକ୍ତ ରେଷ୍ଟୁରାଣ୍ଟରେ ବୁଧବାର ଓ ଗୁରୁବାର ଦାଣ୍ଡିଆ ନୃତ୍ୟ ପରିବେଷଣ ପାଇଁ ଯୋଜନା କରାଯାଇଥିଲା। ସୋସିଆଲ ମିଡିଆ ମାଧ୍ୟମରେ ଟିକେଟ୍ ବିକ୍ରି କରାଯାଇଥିଲା। ଟିକେଲ ମୂଲ୍ୟ ଜଣପିଛା ୬୪୯ ଟଙ୍କା ରଖାଯାଇଥିଲା। ଏ ସମ୍ପର୍କରେ ସୂଚନା ମିଳିବା ପରେ ବିଏମ୍ସି କମିଶନର ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶରେ ବିଏମ୍ସିର ସାଉଥ୍ ଇଷ୍ଟ ଜୋନ୍ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ ଉକ୍ତ ରେଷ୍ଟୁରାଣ୍ଟରେ ପହଞ୍ଚି ଯାଞ୍ଚ କରିଥିଲା। ବଙ୍କେଟ ହଲ୍ରେ ସାଜସଜ୍ଜା ହୋଇଥିବା ଦେଖିବାକୁ ମିଳିଥିଲା। ଏହାପରେ ଉକ୍ତ ହଲ୍କୁ ସିଲ୍ କରାଯାଇଥିଲା। ସୂଚନାଯୋଗ୍ୟ, କରୋନା ସଂକ୍ରମଣ ଏଡ଼ାଇବା ପାଇଁ ବିଏମ୍ସି କଡ଼ା କୋଭିଡ୍ ଗାଇଡ୍ଲାଇନ୍ ଜାରି କରିଛି। ବିନା ଅନୁମତିରେ କୌଣସି ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି।





# ବନ୍ଦ ଘରୁ ଯୁବକଙ୍କ ମୃତଦେହ ଜବତ

ଖଣ୍ଡପଡ଼ା,୧୩।୧୦(ସ୍ୱ.ପ୍ର.)

କଣ୍ଟିଲୋ ମେଡ଼ିକାଲ ଛକ ନିକଟ ଏକ ଭଡ଼ା ଘରେ ରହୁଥିବା ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସନ୍ତୋଷ ବାରିକ(୩୫)। କଟକ ଜିଲା ଜଗତପୁର ଥାନା ଅଧୀନ ଚମ୍ପତି ଗ୍ରାମର ସନ୍ତୋଷ ସ୍ତ୍ରୀ ଓ ୧୦ ବର୍ଷର ପୁଅ ସହ କଣ୍ଟିଲୋ ମେଡ଼ିକାଲ ଛକ ନିକଟ ରାମଚନ୍ଦ୍ର ପଣ୍ଡାଙ୍କ ୩ ମହଲା କୋଠା ଉପରେ ଭଡ଼ାରେ ରହୁଥିଲେ। ସେ ସ୍ଥାନୀୟ ଖୁଦବେହେରା ପାଟଣା ଗ୍ରାମର ଏକ ଘରୋଇ କାରଖାନାରେ ମିସ୍ତ୍ରୀ ଭାବେ କାମ କରୁଥିଲେ। ମଙ୍ଗଳବାର ସକାଳେ ସନ୍ତୋଷଙ୍କ ସ୍ତ୍ରୀ ସନ୍ତୋଷୀ ଓ ତାଙ୍କ ପୁଅ ଭୁବନେଶ୍ୱର ଯାଇଥିଲେ। ଘରେ ସନ୍ତୋଷ ଏକା ଥିଲେ। ସନ୍ତୋଷଙ୍କୁ ତାଙ୍କର ଜଣେ ସାଙ୍ଗ ଫୋନ୍ କରିଥିଲେ ମଧ୍ୟ କୌଣସି ଉତ୍ତର ପାଇ ନ ଥିଲେ। ଅପରାହ୍ନରେ ସେହି ସାଙ୍ଗ ଜଣକ ସନ୍ତୋଷଙ୍କୁ ଦେଖା କରିବାକୁ ଘରକୁ ଆସିଥିଲେ। ହେଲେ ଭିତର ପଟୁ କବାଟ ବନ୍ଦ ଥିଲା। ଯେତେ ଡାକିଲେ ମଧ୍ୟ ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ସେ ଏ ସଂକ୍ରାନ୍ତରେ ଘର ମାଲିକଙ୍କୁ ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। ଖଣ୍ଡପଡା ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ଓ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ଏବଂ ସନ୍ତୋଷଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ କବାଟ ଧକ୍କା ଦିଆଯାଇ ଖୋଲାଯାଇଥିଲା। କବାଟ ଖୋଲିବା ପରେ ସନ୍ତୋଷଙ୍କ ମୃତଦେହ ଚଟାଣରେ ଏକ ମଶିଣା ଉପରେ ପଡିଥିଲା। ମୃତଦେହ ପାଖରେ ଏକ ବ୍ଲେଡ୍ ପଡିଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନ ବ୍ଲେଡ୍ରେ କଟାଯାଇଥିବା ଦେଖିବାକୁ ମିଳିଥିଲା। ବୁଧବାର ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଛି। ମୃତଦେହକୁ ଖଣ୍ଡପଡ଼ାରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସ୍ତ୍ରୀ ସନ୍ତୋଷୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୨୦୯/୨୧) ରୁଜୁ କରିଛି।

# ମଣ୍ଡପରେ ମା'ଙ୍କ ମହାଷ୍ଟମୀ ପୂଜା



**ଭୁବନେଶ୍ୱର:** ଶହୀଦନଗର



ପଟିଆ



ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ



ବମିଖାଲ



ସାଲିଆ ସାହି ଦୁର୍ଗାପୂଜା ମଣ୍ଡପ



ବାଙ୍କୁଆଲ



ବାଲିଅନ୍ତା ଭିଙ୍ଗାରପୁର



**କଟକ:** ଦରଘାବଜାର



ବାଲୁବଜାର ବିନୋଦ ବିହାରୀ ପୂଜା ମଣ୍ଡପ



ଫିରିଙ୍ଗି ବଜାର

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୪ ଅକ୍ଟୋବର, ୨୦୨୧



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଖୋର୍ଦ୍ଧା ଅଫିସ,୧୩।୧୦:** ୧୬ନଂ ଜାତୀୟ ରାଜପଥ ତୋଟାପଡା ଛକରେ ବୁଧବାର ପୂର୍ବାହ୍ନରେ ଏକ ମିନିଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବେଗୁନିଆ ଥାନା କାଚେରା ଗ୍ରାମର ପ୍ରଦୀପ ସାହୁ ଏବଂ ଆହତ ହେଲେ ବାଘମାରୀ ଅଞ୍ଚଳର ବିଭୁଦତ୍ତ ଦାସ। ସୂଚନା ଅନୁସାରେ, ମଳିପଡ଼ାରୁ ପ୍ରଦୀପ ଏବଂ ବିଭୁଦତ୍ତ ଏକ ବାଇକ୍ (ନଂ-ଓଡି.୦୨ ଡବ୍ଲ୍ୟୁ-୬୧୩୧)ରେ ଘରକୁ ଫେରୁଥିଲେ। ସମୟ ପ୍ରାୟ ସାଢେ ୧୧ଟା ସମୟରେ ତୋଟାପଡା ଛକ ନିକଟସ୍ଥ ଇସ୍କନ ମନ୍ଦିର ନିକଟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ମିନିଟ୍ରକ (ଓଡି.୧୩ଜି ୯୨୦୭ ନମ୍ବର) ତାଙ୍କ ଗାଡିକୁ ଧକ୍କାଦେଇଥିଲା। ଉଭୟ ବାଇକ୍‌ରେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ମିନିଟ୍ରକ ଡ୍ରାଇଭରଙ୍କୁ ଅଟକ ରଖିବା ସହ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ବିଭୁଦତ୍ତ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ଟି ଗାଡ଼ିକୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି।

### ବଟି ମାଗି ୩ ଗିରଫ

**ପୁରୀ ଅଫିସ,୧୩।୧୦:** ଟାଉନ ଥାନା ପୋଲିସ ବଟି ମାଗିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅଧୀନ ଦାମୋଦର ରୋଡସ୍ଥିତ ରବୀନ୍ଦ୍ର ପ୍ରଧାନ, ଗୌଡ଼ବାଡ଼ ସାହିର ନରସିଂହ ପଣ୍ଡା ଏବଂ ଜଗନ୍ନାଥବଲ୍ଲଭ ଅଞ୍ଚଳର ଶଙ୍କର ଭୋଇ। ପୋଲିସ ଏମାନଙ୍କଠାରୁ ଗୋଟିଏ ଲୁହା ରଡ୍ ଓ କାଠଫାଳିଆ ଜବତ କରିଛି। ଏନେଇ କେସ୍ ନଂ. ୨୯୫/୨୧ ରୁଜୁ ହୋଇଛି। ବୁଧବାର ପୂର୍ବାହ୍ନ ୧୧ଟା ୧୫ରେ ପୁରୀ ଦାମୋଦର ରୋଡ୍‌ସ୍ଥିତ ବେଟ୍ରିକ୍ସ ସ୍କୁଲ ନିକଟରେ କେତେଜଣ ଅସାମାଜିକ ଯୁବକ ସ୍ଥାନୀୟ ଲୋକ ଓ ଯାତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ବଟି ଆଦାୟ କରୁଥିଲେ। ପୋଲିସ ଏହି ସୂଚନା ପାଇ ଏକ ଟିମ୍ ସେଠାରେ ଚଢାଉ କରି ୩ ଯୁବକଙ୍କୁ ଗିରଫ କରିଥିଲା।

# ହିନ୍ଦୁ, ମୁସଲମାନ ମିଳିମିଶି ପାଳନ୍ତି ଦଶହରା

**ଖୋର୍ଦ୍ଧା ଅଫିସ,୧୩।୧୦**

■ ଭାଇଚାରାର ବାର୍ତ୍ତା ଦିଏ
■ ହୋମରେ କର୍ତ୍ତା ସାଜନ୍ତି ମୁସଲମାନ ଦଳବେହେରା

ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆଗମନରେ ସହରଠାରୁ ଗାଁ ସବୁଠି ରହିଛି ଉତ୍ସବର ପରିବେଶ। ଏହା ହିନ୍ଦୁଧର୍ମର ଏକ ବଡ଼ ପର୍ବ ହୋଇଥିବାବେଳେ ପ୍ରତିଟି ହିନ୍ଦୁ ବଡ଼ ଉତ୍ସାହର ସହ ଏହାକୁ ପାଳନ କରନ୍ତି। ତେବେ ମା' ଦୁର୍ଗାଙ୍କର ଏହି ବଡ଼ ପର୍ବକୁ ହିନ୍ଦୁଙ୍କ ସହ ମୁସଲମାନ ବ୍ୟକ୍ତିମାନେ ମଧ୍ୟ ମିଶି ପାଳନ କରୁଛନ୍ତି। ମୁସଲମାନ ବ୍ୟକ୍ତିମାନେ ମା' ଦୁର୍ଗାଙ୍କ ଯଜ୍ଞରେ ବସି ପୂଜା କରିବା ସହ ନୀତିକାର୍ଯ୍ୟରେ ସହଯୋଗ କରୁଛନ୍ତି। ଏଭଳି ନିଆରା ଦୃଶ୍ୟ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ମାଣିକଗୋଡା ଗ୍ରାମରେ ଦେଖିବାକୁ ମିଳିଛି। ଏଠାରେ କେଉଁ ଅନାଦି କାଳରୁ ହିନ୍ଦୁ ଓ ମୁସଲମାନ ମିଳିତ ଭାବେ ପାଳନ କରି ଆସୁଛନ୍ତି ଦଶହରା ପର୍ବ। ଏଠାରେ କାହାରି ମଧ୍ୟରେ ଉଚ୍ଚନୀଚ ଭେଦଭାବ ନ ଥିବାବେଳେ ସମସ୍ତେ ଏକାଠି ହୋଇ ମହା ଆଡ଼ମ୍ବରରେ ଦଶହରା ପାଳନ କରିଥାନ୍ତି। ଏହାଦ୍ୱାରା ହିନ୍ଦୁ, ମୁସଲମାନ ବିଶ୍ୱକୁ ଭାଇଚାରା,ଭ୍ରାତୃତ୍ୱର ବାର୍ତ୍ତା ଦେଇଆସୁଛନ୍ତି। ବିଜୟାଦଶମୀ ଉତ୍ସବରେ ମୁସଲମାନ ଦଳବେହେରା ପୁରୋଧା ସାଜି ହାତରେ କୁଶବଟୁ ପରିଧାନ କରି ହୋମରେ ଆହୂତି ଦେଇଥାନ୍ତି।

ସପ୍ତମୀ ତିଥିରେ ବିଧି ଅନୁଯାୟୀ ମାଣିକଗୋଡା ଗ୍ରାମର ମୁସଲମାନ ଦଳବେହେରାଙ୍କ ଘର ସମ୍ମୁଖରେ ଏକାଠି ହୁଅନ୍ତି। ଏହି ସମୟରେ ପଟୁଆରରେ ୪ଟି ସ୍ଥାନରୁ ପୃଥକ ରୋଶଣି ବାହାରିଥାଏ। ପ୍ରଥମ ପଟୁଆରରେ ପୂଜକ ଓ ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜଗୁରୁଙ୍କ ଘରେ ଅବସ୍ଥାପିତ ଦିବ୍ୟସିଂହପୁର ଗ୍ରାମର କନକଦୁର୍ଗା ଆସନ୍ତି। ୨ୟ ରୋଶଣି ପଟୁଆରରେ କୋଠକରଣ ଲେଖନୀ ଓ ତାଳପତ୍ର ନେଇ ବାହାରନ୍ତି। ୩ୟ ରୋଷଣ ପଟୁଆରରେ ଡୁମାଳଗଉଡ(ଶବର) ପୂଜିତ ଶ୍ରୀ ମହିଷମର୍ଦ୍ଦିନୀଙ୍କ ବିଜେ ପ୍ରତିମା ଅଷ୍ଟଧାତୁର ଏକ ବିରାଟ କଟାରି( ଲମ୍ବା କଟୁରି) ଓ ଆଙ୍କମାଳ ଧରି ବାହାରିଥାଏ। ଶେଷ ପଟୁଆର ମୁସଲମାନ ଦଳବେହେରାଙ୍କ ଦୁଆରୁ ବାହାରିଥାଏ। ଲଉଡି ଖେଳ ପାଇକ ଖେଳ, ମଶାଲ ଓ ଢୋଲ ପ୍ରଭୃତି ବାଦ୍ୟ ବାଜଣାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ପୃଥକ ଭାବେ ପଟୁଆରରେ ଆସି ମା' ଭଗବତୀଙ୍କ ପୀଠରେ ଏକାଠି ହୋଇଥାନ୍ତି। ପୀଠ ସମ୍ମୁଖ ମଣ୍ଡପ ଉପରେ ନବନିର୍ମିତ ସ୍ୱତନ୍ତ୍ର ପିଢା ଉପରେ ଦଳବେହେରାଙ୍କ ଖଡ୍‌ଗ, କୋଠକରଣଙ୍କ ଲେଖନୀ ଓ ତାଳପତ୍ର ଏବଂ ମା'ଙ୍କ ବିଜେ ପ୍ରତିମା ଅଷ୍ଟଧାତୁର ବିରାଟ କଟାରି ରଖାଯାଇ ପୂଜାର୍ଚ୍ଚନା କରାଯାଏ। ଦଶମୀ ସନ୍ଧ୍ୟାରେ କଳାଙ୍ଗ ଗ୍ରାମସ୍ଥିତ ସୋମନାଥ ମନ୍ଦିରକୁ ଏକ ପଟୁଆରେ ଯାଆନ୍ତି। ସେଠାରେ ମୁସଲମାନ ଦଳବେହେରା କର୍ତ୍ତା ସାଜି ଅପରାଜିତ ହୋମ କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତି। ଏହି ଗ୍ରାମରେ ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ସୁସମ୍ପର୍କ ରହିଛି। ହିନ୍ଦୁ ଦେବଦେବୀଙ୍କ ପୂଜା ମୁସଲମାନ ସମ୍ପ୍ରଦାୟ ଏବଂ ମୁସଲମାନଙ୍କ ପର୍ବରେ ହିନ୍ଦୁମାନେ ପରସ୍ପରକୁ ଶୁଭେଚ୍ଛା ବାର୍ତ୍ତା ଦେଇଥାନ୍ତି। ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ସୁସମ୍ପର୍କ ରହିଛି ବୋଲି ଗ୍ରାମର ବୁଦ୍ଧିଜୀବୀମାନେ କହିଛନ୍ତି।

## ୧୬ ଜଣଙ୍କୁ ଟାଏକୋଣ୍ଡୋ କଲର ବେଲ୍ଟ

**ସାକ୍ଷୀଗୋପାଳ,୧୩।୧୦(ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକ ଅଞ୍ଚଳରେ ଥିବା ଟାଏକୋଣ୍ଡୋ ଏକାଡେମୀର ୫ମ କଲର ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ଓ ପ୍ରମାଣପତ୍ର ବିତରଣ ଉତ୍ସବ ବୁଧବାର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡ଼ା ଭାରତୀର ସଭାପତି ଦାମୋଦର ପ୍ରଧାନୀ, ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀର କୋଚ ବିଶ୍ୱନାଥ ନାୟକ, ଡିଫେନ୍ସ କ୍ଲବର କୋଚ ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ତୀର୍ଣ୍ଣ ପିଲାଙ୍କୁ ବେଲ୍ଟ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ୫ଜଣଙ୍କୁ ହଳଦିଆ ବେଲ୍ଟ ଦିଆଯାଇଥିବା ବେଳେ ୩ଜଣଙ୍କୁ ଗ୍ରୀନ୍ ଏବଂ ୮ ଜଣଙ୍କୁ ବ୍ଲୁ ବେଲ୍ଟ ପ୍ରଦାନ କରାଯାଇଥିଲା। ଅମ୍ଳାନଜ୍ୟୋତି ବରାଳ, ସଂସ୍କୃତି ପାଢୀ, ଶୁଭ୍ରାଂଶୁ ଦାଶ, ବୁଦ୍ଧାଦିତ୍ୟ ଓ ପାୟଲ ମିଶ୍ର ପ୍ରଶିକ୍ଷାର୍ଥୀ ଏହି ଅସରରେ ଟାଏକୋଣ୍ଡୋ କୌଶଳ ପ୍ରଦର୍ଶନ କରିଥିଲେ। କୋଚ୍ ଦୀପକ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟନାରାୟଣ ମିଶ୍ର, ତପନ ମିଶ୍ର ଓ ହରମୋହନ ମହାନ୍ତି ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ କଲର ବେଲ୍ଟ ହାସଲ କରିଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

## ଗୋସାଣୀ ଯାତ୍ରାରେ ଦର୍ଶନ ମନା

**ପୁରୀ ଅଫିସ,୧୩।୧୦:** କରୋନା କଟକଣା ମଧ୍ୟରେ ଗୋସାଣୀ ଯାତ୍ରା ଆୟୋଜନ ପାଇଁ ଜିଲା ପ୍ରଶାସନ ଅନୁମତି ଦେଇଥିଲେ ମଧ୍ୟ ସର୍ବସାଧାରଣ ଦର୍ଶନ ଓ ପ୍ରବେଶ ଉପରେ କଟକଣା ଜାରି କରିଛି। କରୋନା ବ୍ୟାପିବାର ଆଶଙ୍କା ଥିବାରୁ ଦର୍ଶନାର୍ଥୀମାନେ ଗୋସାଣୀ ଯାତ୍ରା ଦେଖିବା ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିବା ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ମଧ୍ୟାହ୍ନ ୧୨ଟାଠାରୁ ଗୋସାଣୀ ଯାତ୍ରା ସରିବା ପର୍ଯ୍ୟନ୍ତ ଶ୍ରୀମନ୍ଦିର ଚାରିପାଖ ଓ ସିଂହଦ୍ୱାରଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ସାଧାରଣ ଚଳପ୍ରଚଳ ଉପରେ କଟକଣା ବଳବତ୍ତର ରହିବ। ଶ୍ରୀମନ୍ଦିର ନୀତିକାନ୍ତି ନିମନ୍ତେ ସେବାୟତ ଓ ପୂଜା କମିଟିର ସର୍ବାଧିକ ୭ ଜଣ ସଦସ୍ୟଙ୍କୁ ସଂପୃକ୍ତ ସ୍ଥାନରେ ରହିବାକୁ ଅନୁମତି ମିଳିବ। ଅତ୍ୟାବଶ୍ୟକ ସେବା କଟକଣାମୁକ୍ତ ରହିବ।




ଶାରଦୀୟ ପୂଜା ଅବସରରେ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବିଭିନ୍ନ ପରିବାକୁ ନେଇ ପ୍ରସ୍ତୁତ କରିଥିବା ବାଲୁକା କଳା।

## ପରିଛଳ କପ୍ କ୍ରିକେଟ: ଫାଇନାଲରେ ଯାଁଳା

**ବେଗୁନିଆ,୧୩।୧୦(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ପରିଛଳସ୍ଥିତ ଖେଳ ପଡ଼ିଆରେ ଚାଲୁଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଥିଲା। ଏଥିରେ ଯାଁଳାର ବ୍ଲୁ ରକ୍‌ଷ୍ଟାର କ୍ରିକେଟ କ୍ଲବ ୯୨ ରନରେ କଟକର କମାଣ୍ଡୋ୧୧ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ ଜିତି କମାଣ୍ଡୋ ୧୧ କ୍ଲବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଯାଁଳା କ୍ଲବ ୨୦ ଓଭରରେ ୧୯୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିମନ୍ୟୁ ୬୦ ରନ ଓ ଆଇ.ଏସ. ଗିରି ୫୩ ରନ ଲେଖାଏ ରନ୍ କରିଥିଲେ। ଜବାବରେ କମାଣ୍ଡୋ ୧୦୧ରନ କରି ପରାଜୟ ହୋଇଥିଲା। ଗିରିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।

## ୧୮ରେ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ ବାତିଲ

**ପୁରୀ ଅଫିସ,୧୩।୧୦**

ଆସନ୍ତା ୧୮ତାରିଖରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ଯୋଜନା ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଏଥିସହ ଏହିଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୁରୀ ଗସ୍ତ ବାତିଲ ହୋଇଛି। ପାଣିପାଗ କେନ୍ଦ୍ର ସୂଚନା ଅନୁଯାୟୀ, ୧୮ ତାରିଖରେ ପ୍ରବଳ ବର୍ଷା ସହ ବାତ୍ୟା ଆଶଙ୍କା ଥିବାରୁ କାର୍ଯ୍ୟକ୍ରମକୁ ବର୍ତ୍ତମାନ ପାଇଁ ବାତିଲ କରାଯାଇଥିବା ଶ୍ରୀମନ୍ଦିର ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ତାରିଖ ପୁନଃନିର୍ଦ୍ଧାରଣ ପରେ ସୂଚନା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ୧୮ ତାରିଖରେ ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭୂମି ପୂଜନ କରିବାର କାର୍ଯ୍ୟକ୍ରମ ଥିଲା।

## ଦଶହରାରେ ସୁନାବେଶ ଦର୍ଶନ କରିପାରିବେନି ଭକ୍ତ

**ପୁରୀ ଅଫିସ, ୧୩।୧୦**

ପବିତ୍ର ବିଜୟା ଦଶମୀ ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ସୁନାବେଶ ଅନୁଷ୍ଠିତ ହେବ। ଚଳିତ ବର୍ଷ କରୋନା କଟକଣାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ନୂଆ ଏସ୍‌ଓପି ଅନୁଯାୟୀ ଆସନ୍ତା ୧୫ ତାରିଖ ଦଶହରା ଦିନ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ। ତେଣୁ ଶ୍ରଦ୍ଧାଳୁମାନେ ରତ୍ନ ସିଂହାସନ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ଦର୍ଶନରୁ ବଞ୍ଚିତ ହେବେ।

## ନିରାକାରପୁରରେ ଦୁର୍ଗାପୂଜା

**ନିରାକାରପୁର,୧୩।୧୦(ଡି.ଏନ୍.ଏ.)**

ଶାରଦୀୟ ଦୁର୍ଗାପୂଜା ଅବସରରେ ନିରାକାରପୁର କଲେଜ ଛକରେ ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମୀରେ ମା' ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ଯଥାରୀତି ପୂଜାବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ସନ୍ଧ୍ୟାରେ ମା'ଙ୍କର ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଛି। ତେବେ ଶ୍ରଦ୍ଧାଳୁମାନେ କୋଭିଡ୍ ନିୟମ ମାନି ମା'ଙ୍କର ଆଶୀର୍ବାଦ ନେଇଥିଲେ।



Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
*ଫାଇନାନ୍ସ ସ୍କିମ୍ ଅଫର୍ ଗୁଡିକ ନିର୍ଦ୍ଦିଷ୍ଟ ଗ୍ରାହକଙ୍କ ପାଇଁ ଚୟନିତ ମଡେଲ୍ ଉପରେ ନିର୍ଦ୍ଦିଷ୍ଟ ଫାଇନାନ୍ସ ପାର୍ଟନରଙ୍କ ନିଜ ଇଚ୍ଛାରେ ଉପଲବ୍ଧ ଏବଂ ଏହା ସେହି ଫାଇନାନ୍ସ କଂପାନୀର ନୀତି ଅନୁଯାୟୀ ଆଧାରିତ। କୌଣସି ଦୁଇଟି ଅଫର୍ ଏକାଠି କରାଯାଇପାରିବ ନାହିଁ। କ୍ୟାସ୍‌ବ୍ୟାକ୍ ଅଫର୍ ସର୍ବନିମ୍ନ ₹50000ର କାରବାର ଉପରେ କାର୍ଡ ପିଛା ₹5000 ପର୍ଯ୍ୟନ୍ତ 5% କ୍ୟାସ୍‌ବ୍ୟାକ୍ ଦର୍ଶାଯାଇଛି, କେବଳ ଏହା SBI କ୍ରେଡିଟ୍ କାର୍ଡ ମାଧ୍ୟମରେ EMI କାରବାର ଉପରେ, ଅଫର ପିରିୟଡ୍ ସମୟରେ ଲାଗୁ। ସ୍କିମ୍ ବୈଧତା 1 ସେପ୍ଟେମ୍ବର ରୁ 30 ନଭେମ୍ବର 2021. କେବଳ ଚୟନିତ ଡିଲରସିପ୍‌ରେ ସ୍କିମ୍ ଏବଂ ଅଫର୍ ଉପଲବ୍ଧ ଏବଂ ଏହା କୌଣସି ପୂର୍ବ ସୂଚନା ବିନା ଉଠାଇ ଦିଆଯାଇପାରିବ। ହୋଣ୍ଡା ଜୋଏ କ୍ଲବ୍ ଲୟାଲିଟି ମେମ୍ବରସିପ୍ ର କ୍ରୟ ଉପରେ ## ₹5 ଲକ୍ଷର ପର୍ସନାଲ୍ ଆକ୍ସିଡେଣ୍ଟ କଭର ଲାଗୁ। ସମସ୍ତ ଦାବି ଇନ୍ସୁରାନ୍ସ କଂପାନୀର ନିୟମ ଏବଂ ନିର୍ଦ୍ଦେଶାବଳୀ ଅନୁସାରେ ସ୍ଥିର କରାଯିବ। ଅଧିକ ବିବରଣୀ ପାଇଁ, ଦୟାକରି HJC ହେଲ୍‌ପଡେସ୍କ କୁ 18005322555 ରେ କଲ୍ କରନ୍ତୁ। *ନିୟମ ଏବଂ ସର୍ତ୍ତାବଳୀ ଲାଗୁ।
ଏହି ବିଜ୍ଞାପନରେ ଦେଖାଇ ଦିଆଯାଇଥିବା ଉତ୍ପାଦ (ପ୍ରଡକ୍ଟ) ମାର୍କେଟ୍ ରେ ମିଳୁଥିବା ଉତ୍ପାଦ (ପ୍ରଡକ୍ଟ) ଠାରୁ ଅଲଗା ହୋଇପାରେ। ଉତ୍ପାଦ (ପ୍ରଡକ୍ଟ) ଉପରେ ଦେଖାଇ ଦିଆଯାଇଥିବା ସହାୟକ ଉପକରଣ (ଆସେସୋରି) ଷ୍ଟାଣ୍ଡାର୍ଡ ଉତ୍ପାଦ (ପ୍ରଡକ୍ଟ) ର ଅଂଶବିଶେଷ ନୁହେଁ।




୧୩।୧୦।୨୦୨୧

| ୩,୮୦,୪୫୬ ଟଙ୍କା | |
|---|---|
| ସୁନା | ମିଳି ନାହିଁ |
| ରୁପା | ୪୮୦ ମିଲିଗ୍ରାମ |

# ଶ୍ରୀମନ୍ଦିରରେ ଡ୍ରେସ୍ କୋଡ୍‌କୁ ନେଇ ଚର୍ଚ୍ଚା

**ପୁରୀ ଅଫିସ,୧୩।୧୦**

ଶ୍ରୀମନ୍ଦିର ଭିତରକାଠ ଆଗକୁ ଯିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପାରମ୍ପରିକ ବେଶପୋଷାକ ପରିଧାନ କରିବାକୁ ପଡ଼ିବ। ସେବାୟତ, ଶ୍ରୀମନ୍ଦିର କର୍ମଚାରୀ କିମ୍ବା ଶ୍ରଦ୍ଧାଳୁ ସମସ୍ତଙ୍କୁ ପାରମ୍ପରିକ ଡ୍ରେସ୍‌କୋର୍ଡ ଅର୍ଥାତ୍ ମଠା ଓ ପାଟ ପିନ୍ଧି ଭିତରକାଠ ଆଗକୁ ଯିବାକୁ ହେବ। ଗତ ୧୧ ତାରିଖରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକ ପରେ ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ସୂଚନା ଦେଇଥିଲେ। ଏବେ ଏହି ଡ୍ରେସ୍ କୋର୍ଡକୁ ନେଇ ଚର୍ଚ୍ଚା ଜୋର ଧରିଛି। କେତେଜଣ ଏହାକୁ ସ୍ୱାଗତ କରୁଥିବାବେଳେ ଅନ୍ୟ କେତେଜଣ ଏଭଳି ନିୟମ ଶ୍ରଦ୍ଧାଳୁଙ୍କ ଉପରେ ଲଦି ଦେବା ଠିକ୍ ନୁହେଁ ବୋଲି ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସେବାୟତଙ୍କ କ୍ଷେତ୍ରରେ ଡ୍ରେସ୍ କୋର୍ଡ ବା ପାରମ୍ପରିକ ବେଶ ପୋଷାକ ପରିଧାନ ବ୍ୟବସ୍ଥା ପୂର୍ବରୁ ଥିଲା ଏବଂ ଏବେ ବି ତାହା ବଳବତ୍ତର ରହିଛି ବୋଲି ଜଣାପଡ଼ିଛି। ବାସ୍ତବରେ ଦେଖିବାକୁ ଗଲେ, ଶ୍ରୀମନ୍ଦିର ଭିତରକାଠ ଆଗକୁ ସମସ୍ତ ବ୍ୟକ୍ତି ପାରମ୍ପରିକ ବେଶ ପୋଷାକରେ ଯାଉଥିଲେ।



ସେବାୟତମାନେ ପାରମ୍ପରିକ ପୋଷାକ ପରିଧାନ କରୁଥିବାବେଳେ ଅନ୍ୟ ବ୍ୟକ୍ତିମାନେ ଏବେ ମଧ୍ୟ ପାରମ୍ପରିକ ପୋଷାକ ପିନ୍ଧୁଛନ୍ତି। ଏଣୁ ପ୍ରଶାସନ ଡ୍ରେସ୍ କୋର୍ଡ ଲାଗୁ ଆଳରେ ବ୍ୟବସ୍ଥାରେ ସେଭଳି କୌଣସି ଉଲ୍ଲେଖନୀୟ ପଦକ୍ଷେପ ନେଇ ନ ଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ପ୍ରଶାସନ ଭକ୍ତଙ୍କ କ୍ଷେତ୍ରରେ ଡ୍ରେସ କୋର୍ଡ ନେଇ ଆଗାମୀ ଦିନରେ ପୁଣି କିଛି ନିଷ୍ପତ୍ତି ନେବ ବୋଲି ସୂଚନା ଦେଇସାରିଥିବା ବେଳେ ଏହା ବାଧ୍ୟତାମୂଳକ ହେବା ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଅନ୍ୟପକ୍ଷରେ ଏ ନେଇ ଭକ୍ତଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଏମାନେ ଯାହା କୁହନ୍ତି

### ବ୍ୟବସ୍ଥା ଦ୍ୱାରା ଆଧାତ୍ମିକ ପରିବେଶ ସୃଷ୍ଟି ହେବ



ଶ୍ରୀମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବେଶପୋଷାକ କହିଲେ ପାରମ୍ପରିକ ବେଶ ପୋଷାକକୁ ବୁଝାଯିବା ଦରକାର। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବାହ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀମନ୍ଦିରକୁ ଯିବା ପାଇଁ ଏଭଳି ବ୍ୟବସ୍ଥା ଲାଗୁ ହେଲେ ଏହାଠାରୁ ଭଲ କଥା ଆଉ କିଛି ହୋଇ ନ ପାରେ। ମୋ ମତରେ ଏଭଳି ବ୍ୟବସ୍ଥା ଲାଗୁ ହେବା ଦରକାର। ଶ୍ରୀମନ୍ଦିର ପ୍ରବେଶ ବେଳେ ଆହୁରି ଆଧାତ୍ମିକ ପରିବେଶ ସୃଷ୍ଟି କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ହେବ। ସେହିଭଳି ଦକ୍ଷିଣଭାରତର ଅନେକ ମନ୍ଦିରରେ ଏଭଳି ବ୍ୟବସ୍ଥା ରହିଛି। ଏଣୁ ଶ୍ରୀମନ୍ଦିରରେ ଦର୍ଶନ ପାଇଁ ଡ୍ରେସ୍‌କୋଡ୍ ଲାଗୁ ହେବାରେ କୌଣସି ଅସୁବିଧା ନାହିଁ।

- ସିଦ୍ଧାର୍ଥ ଜେନା, ଅତିଥି ଅଧ୍ୟାପକ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ

### ଡ୍ରେସ୍‌କୋଡ୍ ନିଷ୍ପତ୍ତି ସ୍ୱାଗତଯୋଗ୍ୟ



ଗର୍ଭଗୃହକୁ ଯିବା ବେଳେ ଡ୍ରେସ୍‌କୋର୍ଡ ବାଧ୍ୟତାମୂଳକ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଭାରତୀୟ ପରମ୍ପରାରେ ଥିବା ବେଶପୋଷାକ ପିନ୍ଧି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ପ୍ରବେଶ କରିବାରେ କାହାକୁ ଅସୁବିଧା ନ ହେବା ଉଚିତ୍। ପାରମ୍ପରିକ ପୋଷାକରେ ଶ୍ରୀମନ୍ଦିର ପ୍ରବେଶ ହେଲେ ଆଧାତ୍ମିକ ବାତାବରଣ ରହିବ। ମହାପ୍ରଭୁଙ୍କ ପାଖକୁ ଆସୁଥିବା ଭକ୍ତମାନେ ନିଜ ଇଚ୍ଛା ମୁତାବକ ପୋଷାକ ପିନ୍ଧି ଆସୁଛନ୍ତି। ଯଦି ପ୍ରଶାସନ ବାଧ୍ୟତାମୂଳକ ଭାବେ ଶ୍ରଦ୍ଧାଳୁଙ୍କ ଡ୍ରେସକୋର୍ଡ କରିବାରେ ଆଗ୍ରହ ଦେଖାଇବ ତେବେ ଏହା ଏକ ଭଲ ନିଷ୍ପତ୍ତି ହେବ ବୋଲି ମୋର ବିଶ୍ୱାସ।

- ବିନାୟକ ଦାସମହାପାତ୍ର, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ

### ବ୍ୟବସ୍ଥା ଲାଗୁ ହେବା ଉଚିତ



ଶ୍ରୀମନ୍ଦିରରେ ସେବାୟତଙ୍କ ପାଇଁ ପାରମ୍ପରିକ ବେଶ ପୋଷାକ ବ୍ୟବସ୍ଥା ବହୁ ପୂର୍ବରୁ ରହିଆସିଛି। ଭକ୍ତଙ୍କ ପାଇଁ ଡ୍ରେସ୍ କୋର୍ଡ ବ୍ୟବସ୍ଥା ଦ୍ୱାରା ସେମାନଙ୍କ ମନରେ ଆଧାତ୍ମିକତା ଜାଗ୍ରତ ହେବ। ମନରେ ଶୁଦ୍ଧତା ଓ ପବିତ୍ରତା ଆସିବ। ତେଣୁ ଏଭଳି ବ୍ୟବସ୍ଥା ଲାଗୁ କରାଯିବା ଉଚିତ।

- ସୂର୍ଯ୍ୟ ନାରାୟଣ ରଥଶର୍ମା, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ

### ଶ୍ରଦ୍ଧାଳୁ ମୁକ୍ତ ମନରେ ଦର୍ଶନ କରନ୍ତୁ



ମଣିଷର ରୁଚି ହେଉଛି ପୋଷାକ। ମହାପ୍ରଭୁ କାହାରି ରୁଚି ବିରୋଧରେ ଯିବାକୁ ଇଚ୍ଛା କରୁ ନ ଥିବେ ବୋଲି ମୋର ବିଶ୍ୱାସ। ସେ କେହି ବି ହୁଅନ୍ତୁ ନା କାହିଁକି ମଣିଷର ରୁଚି ବିରୋଧରେ ଯିବାର ଆବଶ୍ୟକତା କାହା ପାଖରେ ରହିବା ଉଚିତ୍ ନୁହେଁ। ପ୍ରଶାସନ କିଭଳି ଭାବେ ମୁଁ କ'ଣ ପିନ୍ଧିବି କିମ୍ବା ତାହା ନିର୍ଦ୍ଧାରଣ କରିପାରିବ। ଏହା ଆଦୌ ଗ୍ରହଣୀୟ ପ୍ରସ୍ତାବ ନୁହେଁ। ମଣିଷ ନିଜ ଚିନ୍ତା ଚେତନାରେ ସ୍ୱତନ୍ତ୍ର ହେବାର ଅବଶ୍ୟକତା ରହିଛି। ଡ୍ରେସକୋର୍ଡ ଯଦି ଲାଗୁ ହେବ ତେବେ ଶ୍ରୀମନ୍ଦିରର ସମସ୍ତ ସେବାୟତଙ୍କ ପାଇଁ ହେଉ। ଶ୍ରଦ୍ଧାଳୁମାନେ ମୁକ୍ତ ମନରେ ଦର୍ଶନ କରନ୍ତୁ।

-ଶରତ ରାୟଗୁରୁ, ଆଇନଜୀବୀ, ପୁରୀ

## ସଂକ୍ଷେପରେ

### ଜନହିତକର କାର୍ଯ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଶପଥ

ଜଟଣୀ,୧୩।୧୦(ଡି.ଏନ୍.ଏ.): ଜଟଣୀ ବିଜେଡି କର୍ମୀ ଓ ନେତାଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ କୁଦିଆରୀ ଗ୍ରାମସ୍ଥ ଝରଣା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଉପସଭାପତି ସୁଦର୍ଶନ ସୁନ୍ଦରାୟଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଖୋର୍ଦ୍ଧା ଓ ଜଟଣୀ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ଜିଲା ବିଜେଡି କୋଷାଧକ୍ଷ ରାଜକିଶୋର ସ୍ୱାଇଁ, ଅନନ୍ତ ଶତପଥୀ, କୈଳାସ ମହାପାତ୍ର, ସୋମ୍ୟାସୋମାଲିକା ରାୟ, ବିଭୂତି ଭୂଷଣ ମିଶ୍ର, ଯୁବନେତା ଚିତନ ଦଳାଇ, ସନ୍ତୋଷ ହୋତା, ନମିତା ପାଳ ପ୍ରମୁଖଙ୍କ ଯୋଗଦେଇ ନବୀନ ସରକାରଙ୍କ ସମସ୍ତ ଜନହିତ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଶପଥ ନେଇଥିଲେ। ଏହି ପରିପ୍ରେକ୍ଷୀରେ ୫୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକର୍ମରେ ମଞ୍ଚ ପରିଚାଳନା ଜଟଣୀ ନଗର ସଭାପତି ଆଶୁତୋଷ ପ୍ରତାପ ସିଂ ଓ ହେମନ୍ତ ମହାପାତ୍ର ସଂଯୋଜନା କରିଥିଲେ।

### ଖବରଦାତାଙ୍କ ପିତୃ ବିୟୋଗ

**ସାକ୍ଷୀଗୋପାଳ, ୧୩।୧୦(ଡି.ଏନ୍.ଏ.):** ସତ୍ୟବାଦୀ ଅଞ୍ଚଳର ଖବରଦାତା ବସନ୍ତ କୁମାର ପଟ୍ଟନାୟକଙ୍କ ପିତା ଗୋପାଳ ଚରଣ ନାୟକ(୮୮) ଙ୍କର ବୁଧବାର ଅପରାହ୍ନରେ ପରଲୋକ ହୋଇଛି। ବାର୍ଦ୍ଧକ୍ୟ ଯୋଗୁ ସେ ସ୍ଥାନୀୟ ଆଳସରଙ୍ଗ ଗ୍ରାମସ୍ଥିତ ବାସଭବନରେ ଶଯ୍ୟାଶାୟୀ ଥିଲେ। ସେ ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ଦୟାନିଧି ନାୟକ ମୁଖାଗ୍ନି ଦେଇଥିଲେ।




ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର ପରିବେଷିତ ନାଟକ 'ପରିଚୟ'ର ଏକ ଦୃଶ୍ୟ।

## ଘଣ୍ଟ, ବାଦ୍ୟରେ ଦୁଲୁକୁଛି ମଣ୍ଡପ

**ଉଗ୍ରତାରା ପୀଠରେ ୧୪୪ ଧାରା**

**ଖୋର୍ଦ୍ଧା ଅଫିସ,୧୩।୧୦**

ଖୋର୍ଦ୍ଧା ଜିଲାର ପ୍ରମୁଖ ଶକ୍ତି ପୀଠ ମା' ବାଟ ଭୁଆଶୁଣୀ, ମା' ଉଗ୍ରତାରା, ମା' ଭଗବତୀ, ମା' ରାମଚଣ୍ଡୀ, ମା' ଉତ୍ତରାୟଣୀଙ୍କ ପୀଠରେ ମହାନବମୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ପୂଜାମଣ୍ଡପରେ ମହାଷ୍ଟମୀ ପୂଜା ନିରାଡ଼ମ୍ବର ଭାବେ ପାଳନ କରାଯାଇଛି। ଘଣ୍ଟ, କାହାଳୀ, ବାଦ୍ୟଯନ୍ତ୍ରରେ ପୂଜା ମଣ୍ଡପ ଦୁଲୁକୁଛି। ମହାଷ୍ଟମୀ ପୂଜାର ନୀତି ଅନୁସାରେ ମା'ଙ୍କ ମହାସ୍ନାନ ନୀତି ପରେ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ଏହି ଅବସରରେ କେତେକ ସ୍ଥାନରେ କୁମାରୀ ପୂଜା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସନ୍ଧିକାଳ ତଥା ସନ୍ଧିପୂଜାରେ ବଳି ପରମ୍ପରା ଅନୁଷ୍ଠିତ ହୋଇଥିଲା। କେତେକ ସ୍ଥାନରେ ପାଣିକଖାରୁ ବଳି ଓ ଅନ୍ୟ ସ୍ଥାନରେ କାକୁଡି ବଳି ଭାବେ ମା'ଙ୍କୁ ଅର୍ପଣ କରାଯାଇଥିଲା। ସମସ୍ତ ରୀତିନୀତି ପ୍ରକାରେ ପୂଜା ଚାଲିଛି ବୋଲି ଟ୍ରାଫିକ ଛକ ବ୍ୟବସାୟୀ ସଂଘ ସମ୍ପାଦକ ଜିତେନ୍ଦ୍ର ଭଞ୍ଜ କହିଛନ୍ତି। ପୂଜା ମଣ୍ଡପରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ଉଗ୍ରତାରା ପୀଠରେ ୧୪୪ ଧାରା ଜାରି ରହିଛି।

## ସଞ୍ଜୀବ ହିରୋର ପାର୍ବଣ ଉପହାର

**ପୁରୀ ଅଫିସ, ୧୩।୧୦**

ଶାରଦୀୟ ପାର୍ବଣ ଅବସରରେ ପୁରୀ ଟାଉନ ହଲ ଛକସ୍ଥିତ ସଞ୍ଜୀବ ହିରୋ ଶୋ'ରୁମ୍ ପକ୍ଷରୁ ବିଭିନ୍ନ ଗାଡ଼ି ଉପରେ ଆକର୍ଷଣୀୟ ରିହାତି ସହିତ ଉପହାର ପ୍ରଦାନ କରାଯାଉଛି। ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ ଅମିତ୍ ମଲ୍ଲିକ କହିଛନ୍ତି, ଗ୍ରାହକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ହିରୋ ମୋଟୋକପ୍ ପକ୍ଷରୁ ବିଭିନ୍ନ ମଡେଲର ଗାଡ଼ି ଉପରେ ରିହାତି ସହିତ ଲକି ଡ୍ର ମାଧ୍ୟମରେ ନିଶ୍ଚିତ ଉପହାର ପ୍ରଦାନ କରାଯାଉଛି। ବୁଧବାର ଅନୁଷ୍ଠିତ ଲକି ଡ୍ର'ର ରାଗ୍ୟଶାଳୀ ବିଜେତା ହୋଇଛନ୍ତି ଯୋଗେନ୍ଦ୍ର ପ୍ରଧାନ। ତାଙ୍କୁ ସଞ୍ଜୀବ ହିରୋ ପକ୍ଷରୁ ଉପହାର ପ୍ରଦାନ କରଯାଇଛି। ଦଶହରା ପର୍ଯ୍ୟନ୍ତ ଏହି ଲକି ଡ୍ର ଚାଲିବ।



ଲକି ଡ୍ର'ର ବିଜେତା ଯୋଗେନ୍ଦ୍ର ପ୍ରଧାନଙ୍କୁ ସଞ୍ଜୀବ ହିରୋ ପକ୍ଷରୁ ଉପହାର ଦିଆଯାଉଛି।

## ଟ୍ରେନ୍‌ରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ନିରାକାରପୁର,୧୩।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଥିବା କାଲୁପଡା ଷ୍ଟେଶନ ପରିସରରେ ବୁଧବାର ଏକ ମାଲବାହୀ ଟ୍ରେନ୍ ଉପରେ ଚଢି ଜଣେ ଯୁବକ ୩୩କେଭି ବିଦ୍ୟୁତ ତାରକୁ ଛୁଇଁଦେବାକୁ କହି ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିଲେ। ଖବରପାଇ ଟାଙ୍ଗୀସ୍ଥିତ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ ଭୁବନେଶ୍ୱରସ୍ଥିତ ଏକ ସାମାଜିକ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇଛି। ଯୁବକ ଜଣଙ୍କ ଆସାମ ରାଜ୍ୟର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ସକାଳେ ଏକ କୋଇଲା ବୋଝେଇ ଟ୍ରେନ୍ କାଲୁପଡା ଷ୍ଟେଶନରେ ଛିଡା ହୋଇଥିଲା। ହଠାତ୍ ଉକ୍ତ ଯୁବକ ଟ୍ରେନ ଉପରେ ଚଢିଯାଇ ଉପରେ ଯାଇଥିବା ବିଦ୍ୟୁତ୍ ତାରକୁ ଛୁଇଁଦେବାକୁ କହି ପାଟି କରିଥିଲେ। ସେଠାରେ ଥିବା ଲୋକେ ଓ ଷ୍ଟେଶନ କର୍ମଚାରୀ ଓହ୍ଲାଇବା ପାଇଁ କହିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ପରେ ଷ୍ଟେଶନ ପରିଚାଳକ ଓ ଅନ୍ୟ ଅଧିକାରୀଙ୍କ ଦ୍ୱାରା ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରାଯାଇଥିଲା। ପରେ ଦମକଳ କର୍ମଚାରୀ ପହଞ୍ଚି କୌଶଳକ୍ରମେ ଯୁବକଙ୍କୁ ତଳକୁ ଓହ୍ଲାଇବା ସହ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ପରେ ଟାଙ୍ଗୀ ଥାନା ଆଇଆଇସି ଓ ବାଲୁଗାଁ ରେଳ ସୁରକ୍ଷା ବଳ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଯୁବକଙ୍କ ପାଖରୁ ମିଳିଥିବା ଏକ ପରିଚୟପତ୍ରରୁ ତାଙ୍କ ଠିକଣା ମିଳିବା ପରେ ଘର ଲୋକଙ୍କୁ ସୂଚନା ଦିଆଯାଇଛି। ପରିବାର ଲୋକେ ଓଡ଼ିଶା ପହଞ୍ଚିବାକୁ ସମୟ ଲାଗିବାରୁ ଯୁବକଙ୍କୁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇଛି। ତେବେ ଏହି ଯୁବକଙ୍କର ମାନସିକ ସ୍ଥିତି ଭଲ ନ ଥିବା ଜଣାପଡିଛି।

## ବଡଗାଁରେ ମା'ଙ୍କ ପୂଜାର୍ଚ୍ଚନା

**ଗୋପ,୧୩।୧୦(ଡି.ଏନ୍.ଏ.)**

ଗୋପ ବ୍ଲକ ବଡ଼ଗାଁ ଗ୍ରାମର ଆରାଧ୍ୟା ଦେବୀ ମା' ଦୁର୍ଗାଙ୍କ ପୀଠରେ ମହାଷ୍ଟମୀ ତିଥିରେ ପ୍ରସାଦ ସେବନ କଲେ ଶରୀର ନୀରୋଗ ରହିଥାଏ ବୋଲି ବିଶ୍ୱାସ ରହିଛି। ୭ଟି ଗ୍ରାମର ଲୋକେ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ସେଥିପାଇଁ ୭ ଗାଁର ଠାକୁରାଣୀ ବୋଲି କୁହାଯାଏ। ସପ୍ତମୀ ତିଥି ବିଳମ୍ବିତ ରାତିରେ ମା'ଙ୍କ ମନ୍ଦିରରେ ବୋଦା ବଳି ପରମ୍ପରା ଅନୁଯାୟୀ ପଡ଼ିବା ପରେ ଆଉ କେତେକ ଗୁପ୍ତ ପୂଜା ରୀତିନୀତି ଅନୁଯାୟୀ ହୋଇଥାଏ। ଭୋରରେ ପ୍ରସାଦ ପ୍ରସ୍ତୁତ କରାଯାଇଥାଏ। ପ୍ରସାଦ ପ୍ରସ୍ତୁତ ହୋଇ ମା' ଦୁର୍ଗାଙ୍କ ନିକଟରେ ଅନ୍ନ ଭୋଗ କରାଯିବା ପରେ ଭକ୍ତ ସେବନ କରିଥାନ୍ତି।

## ବିଭିନ୍ନ ମଣ୍ଡପରେ ମହାଷ୍ଟମୀ ପୂଜା



ପୁରୀ ମା' ରାମଚଣ୍ଡୀଙ୍କ ଜଗଧାତ୍ରୀ ବେଶ।



ପୁରୀ ଭୋଗଜାର ଦୁର୍ଗା ଗୋଷାଣୀ।



ପୁରୀ ଡିଆଡି ସାହିର ହାଡ଼ବାଇ ଠାକୁରାଣୀ।



ମଣିକର୍ଣ୍ଣିକା ସାହିର ମା' ବନଦୁର୍ଗା।



ପୁରୀର ମା' ପ୍ରାଣପ୍ରିୟା ଠାକୁରାଣୀ



ଖୋର୍ଦ୍ଧା ଜଟଣୀର ମା' ଉତ୍ତରାୟଣୀ।



ନିରାକାରପୁରସ୍ଥିତ ମା' ଉଗ୍ରତାରା।



ପୁରୀର ମହାଦେଶ୍ୱରୀ ଠାକୁରାଣୀ।



ପୁରୀ ବାଲିସାହିର ନାଗାମେଢ଼।